# NATIONAL NEWS BULLETIN (ODIA)

**11 December - 2025**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତାର ପ୍ରତିବଦ୍ଧତାକୁ ଦୋହରାଇଲେ ଭାରତ ଓ ଇସ୍ରାଏଲ ।
- ରାଷ୍ଟ୍ରପତି ଆଜିଠାରୁ ମଣିପୁର ଗସ୍ତକରି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।
- ଲୋକସଭାରେ ଆଜି ମଧ୍ୟ ଜାରି ରହିବ ନିର୍ବାଚନୀ ସଂସ୍କାର ନେଇ ଆଲୋଚନା ।
- ଚଳିତ ଆର୍ଥିକ ବର୍ଷ ଲାଗି ଏସୀୟ ବ୍ୟାଙ୍କ ପକ୍ଷରୁ ଭାରତର ଅଭିବୃଦ୍ଧି ହାର ୬ ଦଶମିକ ୫ରୁ ୭ ଦଶମିକ ୨ ପ୍ରତିଶତ ହେବା ନେଇ ଆକଳନ ।

ଏବଂ

- ଚଣ୍ଡିଗଡରେ ଆଜି ହେବ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟି-୨୦ କ୍ରିକେଟ୍ ମ୍ୟାଚ୍ ।

## ପିଏମ୍-ଇସ୍ରାଏଲ କଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଫୋନ୍ ମାଧ୍ୟମରେ କଥାବାର୍ତ୍ତା କରିଛନ୍ତି । ଉଭୟ ନେତା ଭାରତ-ଇସ୍ରାଏଲ ରଣନୈତିକ ଭାଗିଦାରିତା ସମ୍ପର୍କ ଜାରି ନେଇ ସନ୍ତୋଷବ୍ୟକ୍ତ

କରିଛନ୍ତି । ଉଭୟ ଆପୋଷ ସୁବିଧା ହାସଲ ପାଇଁ ସମ୍ପର୍କକୁ ଅଧିକ ଦୃଢ଼ୀଭୂତ କରିବା ଲାଗି ପ୍ରତିବଦ୍ଧତା ଦୋହରାଇଛନ୍ତି । ଶ୍ରୀ ମୋଦୀ ଏବଂ ଶ୍ରୀ ନେତାନ୍ୟାହୁ ସନ୍ତ୍ରାସବାଦକୁ ଦୃଢ଼ ନିନ୍ଦା କରିବା ସହ ସନ୍ତ୍ରାସବାଦର ବିଭିନ୍ନ କାର୍ଯ୍ୟକଳାପରେ ଶୂନ୍ୟ ସହନଶୀଳତାର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ପଶ୍ଚିମ ଏସିଆ ପରିସ୍ଥିତି ସମ୍ପର୍କରେ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା । ଶ୍ରୀ ମୋଦୀ କହିଛନ୍ତି ଅଞ୍ଚଳରେ ସ୍ଥାୟୀ ଶାନ୍ତି ବଜାୟ ରଖିବା ଲାଗି ଭାରତ ତା'ର ସମର୍ଥନ ମୂଳକ ସହାୟତା ଯୋଗାଇଦେବ ।

## ପ୍ରେସିଡେଣ୍ଟ-ମଣିପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ମଣିପୁରକୁ ଦୁଇଦିନିଆ ଗସ୍ତରେ ଯାଉଛନ୍ତି । ଏହି ଗସ୍ତକାଳରେ ରାଷ୍ଟ୍ରପତି ମଣିପୁରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ରାଷ୍ଟ୍ରପତି ମୁର୍ମୁ ଆଜି ଇମ୍ଫାଲଠାରେ ପହଞ୍ଚିବେ । ତାଙ୍କୁ ସେଠାରେ ପାରମ୍ପରିକ ଗାର୍ଡ ଅଫ୍ ଅନ୍‌ର ପ୍ରଦାନ କରାଯିବ । ଏହାପରେ ସେ ଐତିହାସିକ ମାପାଲ କାଙ୍ଗଜେଇବୁଙ୍ଗ ଯାତ୍ରା କରି ପୋଲୋ ପ୍ରଦର୍ଶନୀ ମ୍ୟାଚ୍ ଦେଖିବେ । ଏହା ରାଜ୍ୟର ସମୃଦ୍ଧ କ୍ରୀଡ଼ା ଐତିହ୍ୟ ବହନ କରିଥାଏ । ସଂଧ୍ୟାରେ ରାଷ୍ଟ୍ରପତି ମଣିପୁର ସରକାରଙ୍କ ଦ୍ୱାରା ଇମ୍ଫାଲସ୍ଥିତ ସିଟି କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ କାର୍ଯ୍ୟକ୍ରମରେ

ଯୋଗଦେବେ । ସେ ରାଜ୍ୟର ଭିନ୍ନଭିନ୍ନ ସ୍ଥାନରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଭିତ୍ତିଭୂମି ଏବଂ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ । ଆସନ୍ତାକାଲି ରାଷ୍ଟ୍ରପତି ଇମ୍ଫାଲଠାରେ ନୁପି ଲାଲ ସ୍ମାରକୀସ୍ଥଳ ଗସ୍ତ କରି ମଣିପୁରର ବୀର ମହିଳା ଯୋଦ୍ଧାମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ । ଏହାପରେ ସେ ସେନାପତି ଗସ୍ତ କରି ସେଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ । ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ରାଷ୍ଟ୍ରପତି ସେଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ।

## ପିଏମ୍-ଇଟାଲୀ ଡିପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ନୂଆଦିଲ୍ଲୀଠାରେ ଇଟାଲୀର ଉପପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ଆଣ୍ଟୋନିଓ ତାଜାନିଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଭାରତ ଓ ଇଟାଲୀ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଦୃଢ଼ତାର ସହ ଜାରି ରହିବ । ଏହାଦ୍ୱାରା ଉଭୟ ଦେଶର ଲୋକ ଏବଂ ବିଶ୍ୱ ସମୁଦାୟ ଉପକୃତ ହେବେ । ବାଣିଜ୍ୟ, ପୁଞ୍ଜିବିନିଯୋଗ, ଗବେଷଣା, ନବସୃଜନ, ପ୍ରତିରକ୍ଷା, ମହାକାଶବିଜ୍ଞାନ, ସଂଯୋଗୀକରଣ, ସନ୍ତ୍ରାସବାଦ ବିରୋଧୀ ପଦକ୍ଷେପ, ଶିକ୍ଷା ଏବଂ ଜନସମ୍ପର୍କ କ୍ଷେତ୍ରର ଉନ୍ନତି ପାଇଁ ଥିବା ଇଟାଲୀ-ଭାରତ ମିଳିତ

ରଣନୈତିକ କାର୍ଯ୍ୟାନ୍ୱୟନ ଯୋଜନା ୨୦୨୫-୨୦୨୯ କାର୍ଯ୍ୟକାରୀ କରିବାଲାଗି ଦୁଇଦେଶ ପକ୍ଷରୁ ନିଆଯାଇଥିବା ଆଗୁଆ ପଦକ୍ଷେପକୁ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ତି ।

## ଇଣ୍ଡିଆ-ମାଲେସିଆ ଜଏଣ୍ଟ ମିଟିଂ

ଭାରତ ଏବଂ ମାଲେସିଆ ସନ୍ତ୍ରାସବାଦ ଏବଂ ଅପରାଧ ବିରୋଧରେ ସହଯୋଗ ସୁଦୃଢ଼ କରିବା ଲାଗି ପ୍ରତିବଦ୍ଧତା ଦର୍ଶାଇଛନ୍ତି । ଏକ ମିଳିତ ବିବୃତ୍ତିରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ନୂଆଦିଲ୍ଲୀଠାରେ ଭାରତ-ମାଲେସିଆର ମିଳିତ କାର୍ଯ୍ୟକାରୀ ଗୋଷ୍ଠୀର ତୃତୀୟ ବୈଠକରେ ସନ୍ତ୍ରାସବାଦ ପ୍ରତିହତ ଏବଂ ଦେଶାନ୍ତର ଅପରାଧ ବିରୁଦ୍ଧରେ ମୁକାବିଲା ନେଇ ଆଲୋଚନା କରାଯାଇଛି । ଉଭୟ ପକ୍ଷ ଆଞ୍ଚଳିକ ଏବଂ ବୈଶ୍ୱିକ ସନ୍ତ୍ରାସବାଦ କାର୍ଯ୍ୟକଳାପ ନେଇ ଆଲୋଚନା କରିଥିଲେ । ବିନୋଦ ବାହାଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସନ୍ତ୍ରାସବାଦ ବିରୋଧୀ ପଦକ୍ଷେପ ନେଇ ଆଲୋଚନା ହୋଇଥିଲା । ଉଭୟପକ୍ଷ ସନ୍ତ୍ରାସବାଦକୁ ନିନ୍ଦା କରିବା ସହ ଏହା ବିରୁଦ୍ଧରେ ଆନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଭାରତ ଏବଂ ମାଲେସିଆ କ୍ୱାଲାଲାମପୁରଠାରେ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀର ପରବର୍ତ୍ତୀ ବୈଠକ କରିବା ଲାଗି ସହମତ ପ୍ରକାଶ କରିଛନ୍ତି ।

# ଅମିତ ଶାହା

ଲୋକସଭାରେ ଆଜି ମଧ୍ୟ ନିର୍ବାଚନୀ ସଂସ୍କାର ଉପରେ ଆଲୋଚନା ଜାରି ରହିବ । ଗତକାଲି ଲୋକସଭାରେ ଏହା ଉପରେ ଆଲୋଚନାରେ ଭାଗନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ ଦେଶରେ ଭୋଟର ତାଲିକା ପ୍ରସ୍ତୁତି କରିବା ଦାୟିତ୍ୱ ସମ୍ବିଧାନରେ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରାଯାଇଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ବିରୋଧୀ ଦଳ ଗୁଡ଼ିକର ଅଭିଯୋଗକୁ ଖଣ୍ଡନ କରି ସେ କହିଥିଲେ, ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ମଧ୍ୟ ନିର୍ବାଚନ ଆୟୋଗଙ୍କ ଦାୟିତ୍ୱ ବୋଲି ଭାରତର ସମ୍ବିଧାନରେ ସୁନିଶ୍ଚିତ କରାଯାଇଛି। ନିର୍ବାଚନ ଆୟୋଗ ସରକାରଙ୍କ ଅଧୀନରେ କାର୍ଯ୍ୟ କରନ୍ତି ନାହିଁ ବୋଲି ଶ୍ରୀ ଶାହା ଗୃହରେ ସ୍ପଷ୍ଟ କରିଥିଲେ ।

ଲୋକସଭାରେ ଏହି ଆଲୋଚନାର ଉତ୍ତର ରଖି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ, ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ହେଉଛି ଭୋଟର ତାଲିକାର ଶୋଧନ ପ୍ରକ୍ରିୟା। ୧୯୫୨ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଦେଶରେ ପ୍ରଥମଥର ଲାଗି ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରିଥିଲେ। ଏହାପରେ ୨୦୦୪ ମସିହାରେ ଦେଶର ଅନେକଗୁଡ଼ିଏ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇଥିଲା।

ଦେଶବାସୀ ବିରୋଧୀ ଦଳଗୁଡ଼ିକୁ ନିର୍ବାଚନରେ ଭୋଟ୍ ଦେଇ ନ ଥିବାରୁ ସେମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି ବୋଲି ଶ୍ରୀ ଶାହା ମତବ୍ୟକ୍ତ କରିଥିଲେ ।

# ଏଡିବି– ଇଣ୍ଡିଆ ଗ୍ରୋଥ

୨୦୨୫-୨୬ ଆର୍ଥିକ ବର୍ଷ ଲାଗି  ଭାରତର ଅଭିବୃଦ୍ଧି ହାର ୬ ଦଶମିକ ୫ରୁ ୭ ଦଶମିକ ୨ ପ୍ରତିଶତ ହେବ ବୋଲି ଏସୀୟ ବିକାଶ ବ୍ୟାଙ୍କ– ଏଡିବି ଆକଳନ କରିଛି। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଦେଶର ଅଭିବୃଦ୍ଧି ଶୂନ ଦଶମିକ ୭ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଏସୀଆ ଓ ପ୍ରଶାନ୍ତ ମହାସାଗରୀୟ ଅଭିବୃଦ୍ଧି ଆଉଟ୍‌ଲୁକ୍ ରିପୋର୍ଟରୁ ସୂଚନା ମିଳିଛି। ଏସୀୟ ବିକାଶ ବ୍ୟାଙ୍କ ଏଡିବି' ଆଞ୍ଚଳିକ ଅର୍ଥନୈତିକ ବ୍ୟବସ୍ଥା ୪ଦଶମିକ ୮ ପ୍ରତିଶତ ତୁଳନାରେ ଚଳିତବର୍ଷ ସେପ୍ଟେମ୍ବର ମାସରେ ୫ ଦଶମିକ ୧ ପ୍ରତିଶତକୁ ବୃଦ୍ଧିପାଇବ ବୋଲି ଆକଳନ କରିଛି ।

# ଡିଜିସିଏ-ଇଣ୍ଡିଗୋ

ଦେଶରେ ଇଣ୍ଡିଗୋ ବିମାନ ଚଳାଚଳରେ ବ୍ୟାହତ ଏବଂ ବିଳମ୍ବର ସମାଧାନ ପାଇଁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଡିଜିସିଏ ପକ୍ଷରୁ ଗୁରୁଗ୍ରାମଠାରେ ଇଣ୍ଡିଗୋ କର୍ପୋରେଟ କାର୍ଯ୍ୟାଳୟରେ ଏକ ୮ ଜଣିଆ ଦଳ ଗଠନ କରିଛନ୍ତି । ଇଣ୍ଡିଗୋ ବିମାନ ଚଳାଚଳରେ ବିଳମ୍ବ ଏବଂ ବିମାନ ବାତିଲ ସମସ୍ୟା ନେଇ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କାରଣରୁ ଡିଜିସିଏ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି । ଉପମୁଖ୍ୟ ବିମାନ ଚଳାଚଳ ନିରୀକ୍ଷକ କ୍ୟାପଟେନ୍ ବିକ୍ରମ ଶର୍ମାଙ୍କ ଅଧ୍ୟକ୍ଷତାରେ ୮ଜଣିଆ ଦଳ ସମସ୍ତ

ବ୍ୟବସ୍ଥାର ଅନୁଧ୍ୟାନ କରିବେ । ସେମାନେ ଉଭୟ କକ୍‌ପିଟ୍ ଏବ କ୍ୟାବିନ୍ ଷ୍ଟାଫଙ୍କ ପାଇଁ ଅସ୍ଥାୟୀ କର୍ମଚାରୀ, କାର୍ଯ୍ୟକାରୀ ସମୟ, କର୍ମଚାରୀ ଉପଲବ୍ଧତା, ବିମାନ ସଂଖ୍ୟା ସମ୍ପର୍କରେ କାର୍ଯ୍ୟ ତଦାରଖ କରିବେ । ଦୈନିକ କ୍ରମାବର୍ତ୍ତନ ଭିତ୍ତିରେ ଏୟାରଲାଇନ୍ କାର୍ଯ୍ୟାଳୟରେ ୨ଜଣ ସଦସ୍ୟ ଉପସ୍ଥିତ ରହିବେ । ଡିଜିସିଏର ଅଧିକାରୀ ଅଏସବୀର ସିଂହ ଏବଂ ମଣିଭୂଷଣ ବିମାନର ଦୈନିକ ବାତିଲ, ଅର୍ଥ ଫେରସ୍ତ ପ୍ରକ୍ରିୟା, ଯାତ୍ରୀ କ୍ଷତିପୂରଣ ଆଦି ବ୍ୟବସ୍ଥାର ଅନୁଧ୍ୟାନ କରିବେ ।

## ବୈଷ୍ଣୋ-ରେଲୱେଜ

ଭାରତୀୟ ରେଳବାଇ ୨୦୨୩-୨୪ ଆର୍ଥିକ ବର୍ଷରେ ଲୋକମାନଙ୍କୁ ଯାତ୍ରା ସୁବିଧା ଯୋଗାଇଦେବା ନିମନ୍ତେ ୬୦ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରିହାତି ପ୍ରଦାନ କରିଛନ୍ତି । ଲୋକସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଲୋକମାନଙ୍କ ଯାତ୍ରା ପାଇଁ ହେଉଥିବା ସମୁଦାୟ ଖର୍ଚ୍ଚର ୪୫ ପ୍ରତିଶତ ଯାତ୍ରୀମାନଙ୍କୁ ରିହାତି ଆକାରରେ ପ୍ରଦାନ କରାଯାଉଛି । ସେ କହିଛନ୍ତି ବିଶ୍ୱରେ ଭାରତୀୟ ଯାତ୍ରୀମାନଙ୍କୁ ସର୍ବନିମ୍ନ ଯାତ୍ରା ଖର୍ଚ୍ଚ ଦେବାକୁ ପଡୁଛି । ଅନ୍ୟ ଦେଶ ତୁଳନାରେ ଭାରତ ଯାତ୍ରୀମାନଙ୍କୁ ସର୍ବୋତ୍ତମ ପରିବହନ ସୁବିଧା ଯୋଗାଇ ଦେଉଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଦ୍ୱାରା ଭାରତୀୟ ରେଳବାଇରେ ପରିବହନ ପରିମାଣ ୨୦୨୦-୨୧ ଆର୍ଥିକ ବର୍ଷରେ ୧ହଜାର

୨୩୩ ମିଲିୟନ ଟନ୍ ଥିବାବେଳେ ଗତ ଆର୍ଥିକ ବର୍ଷରେ ଏହି ପରିମାଣ ୧ହଜାର ୬୧୭ ମିଲିୟନ ଟନ୍‌କୁ ବୃଦ୍ଧି ପାଇଛି । ଦେଶ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଲ ପରିବହନ ରାଷ୍ଟ୍ର ଭାବେ ଜଣାଯାଇଛି ।

## ନଡ୍ଡା-ଟିବି ମୁକ୍ତ ଭାରତ

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା' ଯକ୍ଷ୍ମାମୁକ୍ତ ଭାରତ ଲାଗି ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଗତକାଲି ଗୁଜୁରାଟର ସଂସଦ ସଦସ୍ୟମାନଙ୍କ ସହ ମତ ବିନିମୟ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ନଡ୍ଡା କହିଛନ୍ତି ଯକ୍ଷ୍ମା ବିରୁଦ୍ଧରେ ଦେଶର ସଂଗ୍ରାମକୁ ତ୍ୱରାନ୍ୱିତ କରିବା ଲାଗି ଗ୍ରହଣ କରାଯାଉଥିବା ଉନ୍ନତ ପଦକ୍ଷେପ ଏବଂ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ସେ ଆଲୋଚନା କରାଯାଇଛି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ବୈଠକରେ ସଂସଦ ସଦସ୍ୟମାନେ' ତ୍ୱରାନ୍ୱିତ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା, ସଚେତନତାକୁ ବ୍ୟାପକ କରିବା ଏବଂ ଅନୁଧ୍ୟାନ ପ୍ରକ୍ରିୟାର ଉନ୍ନତି ନେଇ ଶପଥଗ୍ରହଣ କରିଥିଲେ ।

## କ୍ରିକେଟ

ଚଣ୍ଡିଗଡର ଆନ୍ତର୍ଜାତୀୟ ମୁଲାନପୁର କ୍ରିକେଟ ଷ୍ଟାଡିୟମଠାରେ ଆଜି ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟି-୨୦ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ

ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୭ଟାରେ ଆରମ୍ଭ ହେବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ବର୍ତ୍ତମାନ ୧-୦ରେ ଆଗୁଆ ଅଛି । ଗତ ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୧୦୧ ରନ୍‌ରେ ପରାସ୍ତ କରିଥିଲା । ସିରିଜ୍‌ର ତୃତୀୟ ମ୍ୟାଚ୍ ଧର୍ମଶାଳାରେ ହେବାକୁ ଥିବାବେଳେ, ଚତୁର୍ଥ ମ୍ୟାଚ୍ ଲକ୍ଷ୍ନୌରେ ଏବଂ ଅନ୍ତିମ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ ।